# NATIONAL NEWS BULLETIN (ODIA)
## 13 April - 2025
## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ହରିଆଣା ଗସ୍ତରେ ଯାଇ ଆସନ୍ତାକାଲି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ।
- ମଧ୍ୟପ୍ରଦେଶ ଭୋପାଳଠାରେ ରାଜ୍ୟସ୍ତରୀୟ ସମବାୟ ସମ୍ମିଳନୀରେ ଆଜି ଯୋଗଦେବେ ସ୍ୱରାଷ୍ଟ୍ରମନ୍ତ୍ରୀ
- ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲ୍ଲାରେ ତୁରନ୍ତର କେନ୍ଦ୍ରୀୟ ସୁରକ୍ଷାବଳ ମୁତୟନ କରିବାକୁ କୋଲକାତା ହାଇକୋର୍ଟଙ୍କ ନିର୍ଦ୍ଦେଶ
- ପଞ୍ଜାବରେ ଉତ୍ସାହ ଉଦ୍ଦୀପନାର ସହ ପାଳନ କରାଯାଉଛି ବୈଶାଖୀ ପର୍ବ

ଏବଂ

- ଇଣ୍ଡିଆନ୍ ସୁପର୍ ଲିଗ୍ ଫୁଟ୍‌ବଲ୍ ଟାଇଟଲ୍ ହାସଲ କଲା ମୋହନବାଗନ ସୁପରଜ୍ୟାଣ୍ଟ୍‌ସ

## ପିଏମ୍-ହରିଆଣା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ହରିଆଣା ଗସ୍ତରେ ଯାଇ ସକାଳେ ହିସାରରେ ପହଞ୍ଚିବେ । ଆମ୍ବେଦକର ଜୟନ୍ତୀ ଅବସରରେ ହିସାରରୁ ଅଯୋଧ୍ୟାକୁ ବାଣିଜ୍ୟିକ ବିମାନ ଉଡ଼ାଣର ଶୁଭାରମ୍ଭ କରିବା ସହ ହିସାର ବିମାନ ବନ୍ଦରର ନୂତନ ଟର୍ମିନାଲ୍ କୋଠାର ଶିଳାନ୍ୟାଶ କରିବେ । ସେଠାରେ ଏକ ସାଧାରଣ ସଭାକୁ ଶ୍ରୀ ମୋଦୀ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି ।

ଏହା ପରେ ପ୍ରଧାନମନ୍ତ୍ରୀ ଯମୁନାନଗରରେ କେତେକ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବା ସହ ଜନସମାବେଶରେ ଉଦ୍‌ବୋଧନ ଦେବେ । ଯମୁନାନଗରଠାରେ ଦୀନବନ୍ଧୁ ଛୋଟୁରାମ ତାପଜ ବିଦ୍ୟୁତ୍ କେନ୍ଦ୍ରର ୮୦୦ ମେଗାୱାଟ୍ ଆଧୁନିକ ତାପଜ ବିଦ୍ୟୁତ୍ ୟୁନିଟ୍‌ର ଶିଳାନ୍ୟାସ କରିବେ । ପ୍ରାୟ ୮ ହଜାର ୪୭୦ କୋଟି ବ୍ୟୟ ଅଟକଳରେ ୨୩୩ ଏକର ପରିମିତ ଅଞ୍ଚଳରେ ନିର୍ମିତ ଏହି ୟୁନିଟ୍ ହରିଆଣାର ଶକ୍ତି ଆତ୍ମନିର୍ଭରଶୀଳତାକୁ ଅଧିକ ତ୍ୱରାନ୍ୱିତ କରିବା ସହ ରାଜ୍ୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣକୁ ସୁନିଶ୍ଚିତ କରିପାରିବ । ଯମୁନାନଗରର ମୁକରାରବପୁରଠାରେ ଏକ ବାୟୋଗ୍ୟାସ୍ ପ୍ଲାଣ୍ଟର ଶିଳାନ୍ୟାସ କରିବେ ।

ଭାରତମାଳା ପରିଯୋଜନା ଅଧୀନରେ ପ୍ରାୟ ୧ ହଜାର ୭୦ କୋଟି ଟଙ୍କା ବ୍ୟୟରେ ୧୪ ଦଶମିକ ୪ କିଲୋମିଟର ରେୱାରି ବାଇପାସ୍ ପ୍ରକଳ୍ପର ଉଦ୍‌ଘାଟନ କରିବେ । ଏହାଦ୍ୱାରା ରେୱାରି ସହରରେ

ଯାନବାହାନ ଚଳାଚଳ ସୁଗମ ହୋଇପାରିବ । ଦିଲ୍ଲୀ-ନା୍ରନୌଲ୍ ଯାତ୍ରା ସମୟ ମଧ୍ୟ ହ୍ରାସ ପାଇବା ସହ ଆଞ୍ଚଳିକ, ଅର୍ଥନୈତିକ ଏବଂ ସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବ ।

## ଅମିତ ଶାହା-ଭୋପାଳ

ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହା ଆଜି ମଧ୍ୟପ୍ରଦେଶ ଗସ୍ତରେ ଯାଇ ରାଜ୍ୟସ୍ତରୀୟ ସମବାୟ ସମ୍ମିଳନୀରେ ଯୋଗଦେବେ । ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ ଅବସରରେ ରାଜ୍ୟସରକାରଙ୍କ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ଶାହା ମୁଖ୍ୟଅତିଥି ଭାବେ ଯୋଗଦେଇ ମାଇକ୍ରୋ ଏଟିଏମ୍, କିଷାନ କ୍ରେଡିଟ୍‌କାର୍ଡ ଏବଂ ଋଣ ମଂଜୁରୀ ପତ୍ର ବଣ୍ଟନ କରିବାର କାର୍ଯ୍ୟସୂଚୀ ରହିଛି ।

ମୁଖ୍ୟମନ୍ତ୍ରୀ ଡକ୍ଟର ମୋହନ ଯାଦବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀରେ ଜାତୀୟ ଦୁଗ୍ଧ ବିକାଶ ବୋର୍ଡ ଏବଂ ମଧ୍ୟପ୍ରଦେଶ ଦୁଗ୍ଧ ମହାସଂଘ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବ । ଏ ସଂପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ଡକ୍ଟର ଯାଦବ କହିଛନ୍ତି, ଏହି ପଦକ୍ଷେପ ରାଜ୍ୟରେ ଦୁଗ୍ଧ ଉତ୍ପାଦକଙ୍କ ଆୟ ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ । ରାଜ୍ୟରେ  ଦୁଗ୍ଧ ସମିତି ସଂଖ୍ୟା ୯ ହଜାରକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହାଦ୍ୱାରା ୧୮ ହଜାର ଗ୍ରାମକୁ ଅନ୍ତର୍ଭୁକ୍ତ କରାଯାଇ ପାରିବ । ଦୈନିକ ଦୁଗ୍ଧ ଉତ୍ପାଦନ ୧୦ଲକ୍ଷ ୫୦ ହଜାର

କିଲୋରୁ ୨୦ଲକ୍ଷ କିଲୋକୁ ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ଡକ୍ଟର ଯାଦବ କହିଛନ୍ତି ।

ଶ୍ରୀ ଶାହା ଗତକାଲି ମୁମ୍ବାଇଠାରେ ୭୫ତମ ଗୁଜରାଟୀ ସପ୍ତାହ ଚିତ୍ରଲେଖା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ଅବସରରେ ଜନସଭାକୁ ସମ୍ବୋଧନ କରି ସେ କହିଥିଲେ, ଚିତ୍ରଲେଖାର ୭୫ ବର୍ଷର ଯାତ୍ରା ଗୁଜରାଟୀ ସାହିତ୍ୟ, ସମାଜ ଏବଂ ଜୀବନଶୈଳୀକୁ ପ୍ରତିଫଳନ କରୁଛି । ଏହି କାର୍ଯ୍ୟକ୍ରମରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବିସ, କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପିୟୁଷ ଗୋୟଲ ପ୍ରମୁଖ ଉପସ୍ଥିତ ଥିଲେ ।

## ଡବ୍ଲୁବି-ହାଇକୋର୍ଟ

ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲ୍ଲାରେ ତୁରନ୍ତ କେନ୍ଦ୍ରୀୟ ସୁରକ୍ଷାବଳ ମୁତୟନ କରିବାକୁ କୋଲକାତା ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଓ୍ୱାକଫ ସଂଶୋଧନ ଆଇନ ୨୦୨୫କୁ ବିରୋଧ କରି ମୁର୍ଶିଦାବାଦ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଘଟିଥିବା ହିଂସାକାଣ୍ଡ ସଂକ୍ରାନ୍ତ ଏକ ମାମଲାର ବିଚାର କରି ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି । ପଶ୍ଚିମବଙ୍ଗ ବିଧାନସଭାରେ ବିରୋଧୀଦଳ ନେତା ଶୁଭେନ୍ଦୁ ଅଧିକାରୀଙ୍କ ପକ୍ଷରୁ ଏହି ଆବେଦନ ଦାୟର କରାଯାଇଥିଲା । ଜଷ୍ଟିସ୍ ସୌମେନ୍ ସେନ୍ ଏବଂ ଜଷ୍ଟିସ୍ ରାଜାବସୁ ଚୌଧୁରୀଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି ଆବଶ୍ୟକସ୍ଥଳେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଅନ୍ୟାନ୍ୟ ଅଞ୍ଚଳରେ କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ପ୍ରଶାସନ ସହ ସମନ୍ୱୟ

ରକ୍ଷା କରି କେନ୍ଦ୍ରୀୟ ବାହିନୀ କାର୍ଯ୍ୟକରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନାଯୋଗ୍ୟ ମୁର୍ଶିଦାବାଦ ଜିଲ୍ଲାରେ ଘଟିଥିବା ବିକ୍ଷୋଭ ଏବଂ ହିଂସାକାଣ୍ଡ ଘଟଣାରେ ୩ ଜଣଙ୍କର ମୃତ୍ୟୁ ହେବା ସହ ବହୁଲୋକ ଆହତ ହୋଇଛନ୍ତି । ହିଂସାକାଣ୍ଡ ସୃଷ୍ଟି କରିବା ଅଭିଯୋଗରେ ୧୩୮ ଜଣଙ୍କୁ ଗିରଫ କରାଯାଇଛି ।

## ଭାଇବ୍ରାଣ୍ଟ ବିଲ୍‌ଡକନ୍

ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପିୟୁଷ ଗୋୟଲ୍ ଆଜି ନୂଆଦିଲ୍ଲୀର ଯଶୋଭୂମି କନ୍‌ଭେନ୍‌ସନ କେନ୍ଦ୍ରଠାରେ ଭାଇବ୍ରାଣ୍ଟ ବିଲ୍‌ଡକନ୍୨୦୨୫ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବେ । ଏହା ହେଉଛି ଭାରତର ସର୍ବବୃହତ ନିର୍ମାଣ ସାମଗ୍ରୀ ପ୍ରଦର୍ଶନୀ । ବାଣିଜ୍ୟ ମନ୍ତ୍ରଣାଳୟ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରଦର୍ଶନୀରେ ୨୫୦ରୁ ଅଧିକ ବିଶେଷଜ୍ଞ, ୭ଶହରୁ ଅଧିକ ବିଶ୍ୱସ୍ତରୀୟ କ୍ରେତା, ୫୦ ହଜାରରୁ ଅଧିକ ଘରୋଇ ପର୍ଯ୍ୟଟକ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରୁଛନ୍ତି । ଏଥିରେ ଆମେରିକା, ମେକ୍ସିକୋ, ବ୍ରାଜିଲ, ବ୍ରିଟେନ୍, ସ୍ପେନ୍, ୟୁଏଇ, ଉତ୍ତର ଆମେରିକା, ଲାଟିନ୍ ଆମେରିକା, ୟୁରୋପ, ଆଫ୍ରିକା, ଦକ୍ଷିଣ ପୂର୍ବଏସିଆ ଏବଂ ଅନ୍ୟାନ୍ୟ ରାଷ୍ଟ୍ରରୁ ବ୍ୟବସାୟିକ ପ୍ରତିନିଧି ଯୋଗ ଦେଉଛନ୍ତି । ରପ୍ତାନୀ ତଥା ମିଳିତ ଉଦ୍ୟୋଗ ସୁଯୋଗ ପ୍ରତିଷ୍ଠାରେ ଭାରତୀୟ ନିର୍ମାତାଙ୍କୁ ଏହା ଏକ ବଡ଼ ମଞ୍ଚ ପ୍ରଦାନ କରିବ ବୋଲି ଆଶା କରାଯାଉଛି ।

# ପଞ୍ଜାବ ବୈଶାଖୀ

ପଞ୍ଜାବରେ ବୈଶାଖୀ ପର୍ବ ଆଜି ଉତ୍ସାହ ଉଦ୍ଦୀପନାର ସହ ପାଳନ କରାଯାଉଛି । ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଧାର୍ମିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଏହି ଦିବସ ଅମଳ ପର୍ବ ଭାବେ ମଧ୍ୟ ପାଳନ କରାଯାଇଥାଏ । ୧୬୯୯ ମସିହା ଆଜିର ଦିନରେ ଦଶମ ଗୁରୁ ଶ୍ରୀ ଗୁରୁ ଗୋବିନ୍ଦସିଂ ଜୀ ଆନନ୍ଦପୁର ସାହିବ ଠାରେ ଅନୁଷ୍ଠିତ ଗୁରୁଦ୍ୱାର ତଖତ ଶ୍ରୀ କେଶଗଡ଼ ସାହିବରେ ଖାଲ୍‌ସାପନ୍ଥ ପ୍ରତିଷ୍ଠା କରିଥିଲେ । ବିଭିନ୍ନ ଗୁରୁଦ୍ୱାରରେ ଆଜି ବିଶେଷ ପୂଜାର୍ଚ୍ଚନା କରାଯିବା ସହ ପବିତ୍ର ଗୁରୁବାଣୀ ପଠନ କରାଯାଉଛି ।

ଆଜି ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡର ସ୍ମୃତି ଦିବସ । ୧୯୧୯ ମସିହା ଆଜିର ଦିନରେ ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ ଘଟିଥିଲା । ବ୍ରିଟିଶ ଅଧିକାର ଡାୟରଙ୍କ ନେତୃତ୍ୱରେ ଶହଶହ ନିରୀହ ଲୋକଙ୍କୁ ହତ୍ୟା କରାଯାଇଥିଲା । ସମାଜର ବିଭିନ୍ନ ବର୍ଗର ଲୋକେ ଆଜି ଜାଲିଆନାୱାଲାବାଗରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ।

# ପଞ୍ଜାବ ଆର୍ମି ଚିଫ୍

ସ୍ଥଳସେନା  ମୁଖ୍ୟ ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀ ଗତକାଲି ପଞ୍ଜାବର ଜଲନ୍ଧରସ୍ଥିତ ବଜ୍ର କର୍ପସ୍‌ର ମୁଖ୍ୟାଳୟଠାରେ ପରିଚାଳନା ପ୍ରସ୍ତୁତି ନେଇ ସମୀକ୍ଷା କରିଛନ୍ତି । ସେଠାରେ ଜେନେରାଲ୍ ଦ୍ୱିବେଦୀଙ୍କୁ ବର୍ତ୍ତମାନର ସୁରକ୍ଷା ସ୍ଥିତି ଏବଂ ପରିଚାଳନା ପ୍ରସ୍ତୁତି ସଂପର୍କରେ ଅବଗତ

କରାଯାଇଥିଲା । ଜେନେରାଲ୍ ଦ୍ୱିବେଦୀ ପରିଚାଳନାଗତ ପ୍ରସ୍ତୁତି ଏବଂ ସେନା କର୍ମଚାରୀଙ୍କ ପେଶାଦାର ପ୍ରତିବଦ୍ଧତା ନେଇ ପ୍ରଶଂସା କରିଥିଲେ । ଏହି ଅବସରରେ ୧୯୭୧ ଯୁଦ୍ଧର ଜଣେ ପୂର୍ବତନ ସୈନିକଙ୍କ ସମେତ ୪ ଜଣ ବିଶିଷ୍ଟ ପୂର୍ବତନ ସୈନିକଙ୍କୁ ଭେଟେରାନ୍ ଆଚିଭର୍ସ ଆୱାର୍ଡରେ ସମ୍ମାନିତ କରାଯାଇଥିଲା । ଜେନେରାଲ୍ ଦ୍ୱିବେଦୀ ସପରିବାର ଅମୃତସରସ୍ଥିତ ଶ୍ରୀ ହରମନ୍ଦିର ସାହିବଠାରେ ପୂଜାର୍ଚ୍ଚନା କରିଥିଲେ ।

## ଆଫ୍ରିକା-ଇଣ୍ଡିଆ

ଆଫ୍ରିକା-ଭାରତ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ବହୁପକ୍ଷୀୟ ସମରାଭ୍ୟାସ ଆଜିଠାରୁ ତାଞ୍ଜାନିଆରେ ଆରମ୍ଭ ହେବ । ୬ ଦିନ ଧରି ଚାଲିବାକୁ ଥିବା ଏହି ମିଳିତ ସମରାଭ୍ୟାସ ଆସନ୍ତା ୧୮ ତାରିଖରେ ଶେଷ ହେବ । ଆଞ୍ଚଳିକ ସୁରକ୍ଷା ଏବଂ ସାମୁଦ୍ରିକ କ୍ଷେତ୍ରରେ ରହିଥିବା ଆହ୍ୱାନ ଗୁଡ଼ିକର ସହଯୋଗୀ ସମାଧାନକୁ ବିକଶିତ କରିବା ଏହି ମିଳିତ ସମରାଭ୍ୟାସର ମୁଖ୍ୟ ଉଦ୍ଦେଶ୍ୟ । ଏଥିରେ କାମରୋସ, ଜିବୁତି, କେନିଆ, ମାଡାଗାସ୍କର, ମରିସସ୍, ମୋଜାମ୍ବିକ୍, ସେସେଲ୍ସ ଏବଂ ଦକ୍ଷିଣ ଆଫ୍ରିକା ଅଂଶଗ୍ରହଣ କରୁଛନ୍ତି । ଭାରତୀୟ ନୌଜାହାଜ ଆଇ.ଏନ୍.ଏସ୍. ଚେନ୍ନାଇ, ଆଇ.ଏନ୍.ଏସ୍. କେଶରୀ ଏବଂ ଆଇ.ଏନ୍.ଏସ୍. ସୁନୟନା ଏହି ମିଳିତ ସମରାଭ୍ୟାସରେ ଯୋଗଦେଉଛନ୍ତି । ଆସନ୍ତାକାଲି ଏହି ମିଳିତ ସମରାଭ୍ୟାସର ଉଦ୍‌ଘାଟନ ହେବାକୁ ଥିବା ବେଳେ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ସାମୁଦ୍ରିକ ପର୍ଯ୍ୟାୟରେ ଅଂଶଗ୍ରହଣକାରୀ ଦେଶମାନଙ୍କ ମଧ୍ୟରେ

ନିରାପତ୍ତା ସଂକ୍ରାନ୍ତ ସହଯୋଗକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ପ୍ରଦାନ କରାଯିବ ।

## ଫୁଟ୍‌ବଲ୍

ମୋହନ ବାଗନ ସୁପରଜ୍ୟାଣ୍ଟ୍‌ସ ଦଳ ଇଣ୍ଡିଆନ୍ ସୁପର୍‌ଲିଗ୍ ଫୁଟ୍‌ବଲ୍ ଟାଇଟଲ୍ ହାସଲ କରିଛି । କୋଲକାତାର ବିବେକାନନ୍ଦ ଯୁବଭାରତୀ କ୍ରୀଡ଼ାଙ୍ଗନଠାରେ ଗତସନ୍ଧ୍ୟାରେ ଖେଳାଯାଇଥିବା ଫାଇନାଲ୍ ମ୍ୟାଚ୍‌ରେ ମୋହନବାଗନ' ବେଙ୍ଗାଲୁରୁ ଏଫ୍‌ସିକୁ ୨-୧ ଗୋଲ୍‌ରେ ପରାସ୍ତ କରି ଏହି ସଫଳତା ହାସଲ କରିଛି । ବେଙ୍ଗାଲୁରୁ ଖେଳର ଦ୍ୱିତୀୟାର୍ଦ୍ଧରେ ପ୍ରଥମେ ଗୋଲ୍ ସ୍କୋର କରି ଆଗୁଆ ରହିଥିଲା । ତେବେ ମୋହନବାଗନ ଏକ ପେନାଲ୍‌ଟି ଏବଂ ଫିଲ୍‌ଡ ଗୋଲ୍ ଦ୍ୱାରା ବେଙ୍ଗାଲୁରୁକୁ ହରାଇ ଦେଇଥିଲା ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍ ପ୍ରତିଯୋଗିତାର ଗତକାଲି ଅନୁଷ୍ଠିତ ଦୁଇଟି ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜ୍ୟାଣ୍ଟ୍‌ସ ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ ବିଜୟୀ ହୋଇଛନ୍ତି । ପ୍ରଥମ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପରଜ୍ୟାଣ୍ଟ୍‌ସ' ଗୁଜରାଟ ଟାଇଟନ୍ସକୁ ୬ ୱିକେଟ୍‌ରେ ପରାସ୍ତ କରିଛି । ଟସ୍ ଜିତି ଲକ୍ଷ୍ନୌ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୨୦ ଓଭର୍‌ରେ ଗୁଜରାଟ ୬ ୱିକେଟ୍ ବିନିମୟରେ ୧୮୦ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଅଧିନାୟକ ଶୁଭମନ ଗୀଲ୍ ୬୦ ରନ୍ ଏବଂ ସାଇ ସୁଦର୍ଶନ ୫୬ ରନ୍ ସଂଗ୍ରହ କରିଥିଲେ । ବିଜୟ ଲକ୍ଷ୍ୟକୁ ଲକ୍ଷ୍ନୌ ୧୯ ଓଭର୍ ୩ଟି

ବଲ୍‌ରେ ୪ ୱିକେଟ୍ ବିନିମୟରେ ହାସଲ କରିଥିଲା । ଦଳ ପକ୍ଷରୁ ମାର୍କାରାମ ୫୮ ରନ୍ ଏବଂ ପୁରନ୍ ୬୧ ରନ୍‌ର ପାଳି ଖେଳିଥିଲେ । ମାର୍କାରାମଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି ।

ଦ୍ୱିତୀୟ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ' ପଞ୍ଜାବ କିଙ୍ଗ୍‌ସକୁ ୮ ୱିକେଟ୍‌ରେ ପରାସ୍ତ କରିଛି । ଟିସ୍ ଜିତି ପଞ୍ଜାବ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ବିନିମୟରେ ୨୪୫ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଅଧିନାୟକ ଶ୍ରେୟସ ଆୟାର ୮୨ ରନ୍ ସଂଗ୍ରହ କରିଥିଲେ । ଏହି ହାଇସ୍କୋରିଂ ମ୍ୟାଚ୍‌ରେ ହାଇଦ୍ରାବାଦ ଚିତ୍ତାକର୍ଷକ ବିଜୟ ହାସଲ କରିଥିଲା । ବିଜୟଲକ୍ଷ୍ୟକୁ  ହାଇଦ୍ରାବାଦ ୧୮ ଓଭର୍ ୩ଟି ବଲ୍‌ରେ ମାତ୍ର ୨ ୱିକେଟ୍ ବିନିମୟରେ ହାସଲ କରିପାରିଥିଲା । ଦଳପକ୍ଷରୁ ଓପନିଂ ଯୋଡ଼ି ବିଜୟର ମୂଳଦୁଆ ପକାଇଥିଲେ । ଅଭିଷେକ ଶର୍ମା ଭାରତୀୟ ଭାବେ ସର୍ବାଧିକ ଆଇପିଏଲ୍ ରନ୍ ସଂଗ୍ରହ କରିଥିଲେ । ୫୫ଟି ବଲ୍‌ରୁ ୧୦ଟି ଛକା ଏବଂ ୧୪ଟି ଚଉକା ବଳରେ ଅଭିଷେକ ୧୪୧ ରନ୍‌ର ପାଳି ଖେଳିଥିଲେ । ଟ୍ରାଭିସ୍ ହେଡ୍ ୬୬ ରନ୍ ସଂଗ୍ରହ କରିଥିଲେ । ଅଭିଷେକ ଶର୍ମାଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି ।

ଆଜି ଦୁଇଟି ମ୍ୟାଚ୍ ଖେଳାଯିବ । ଜୟପୁରଠାରେ ରାଜସ୍ଥାନ ରୟାଲ୍‌ସ ଏବଂ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ମୁକାବିଲା ହେବ ।

ସନ୍ଧ୍ୟାରେ ଖେଳାଯିବାକୁ ଥିବା ଦ୍ୱିତୀୟ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍‌ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ପରସ୍ପରକୁ ଭେଟିବେ ।